# NATIONAL NEWS BULLETIN (ODIA)
## 24 August - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍ସ୍କି କହିଛନ୍ତି, ରୁଷ ସହିତ ତାଙ୍କ ଦେଶର ଚାଲିଥିବା ଯୁଦ୍ଧ ସମାପ୍ତ କରିବା ଦିଗରେ ବିଶ୍ୱସ୍ତରୀୟ କୂଟନୈତିକ ପ୍ରଚେଷ୍ଟାରେ ଭାରତ  ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ରାୟପୁର ଠାରେ ନକ୍ସଲ ବିରୋଧୀ ଅପରେସନ୍ ବୈଠକରେ ଅଧ୍ୟକ୍ଷତା କରିବେ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୱାଶିଂଟନ୍ ଠାରେ ତାଙ୍କର ଆମେରିକା ପ୍ରତିପକ୍ଷ ଲଏଡ୍ ଅଷ୍ଟିନ୍ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ଏବଂ

- ଡୁରାଣ୍ଡ କପ୍ ୨୦୨୪ର ସେମିଫାଇନାଲ୍‌ରେ ପ୍ରବେଶ କଲେ ବେଙ୍ଗାଲୁରୁ ଏଫ୍.ସି. ଏବଂ ମୋହନବାଗାନ୍ ।

# ପିଏମ୍-ୟୁକ୍ରେନ୍

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍ସ୍କି କହିଛନ୍ତି, ରୁଷ ସହିତ ତାଙ୍କ ଦେଶର ଚାଲିଥିବା ଯୁଦ୍ଧ ସମାପ୍ତ କରିବା ଦିଗରେ ବିଶ୍ୱସ୍ତରୀୟ କୂଟନୈତିକ ପ୍ରଚେଷ୍ଟାରେ ଭାରତ  ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଥମଥର ଲାଗି ୟୁକ୍ରେନ୍ ଗସ୍ତ ଅବସରରେ କିଭ୍ ଠାରେ ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପକ୍ଷିୟ ଆଲୋଚନା ପରେ ଶ୍ରୀ ଜେଲେନ୍ସ୍କି ଏହି ପ୍ରତିକ୍ରିୟା ଦେଇଛନ୍ତି ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ଭାରତ ଆସିବା ଲାଗି ନିମନ୍ତ୍ରଣ କରିଛନ୍ତି । ଏହି ନିମନ୍ତ୍ରଣ ରକ୍ଷା କରି ଭାରତ ଆସିବା ଲାଗି ୟୁକ୍ରେନ୍ ରାଷ୍ଟ୍ରପତି ସମ୍ମତି ପ୍ରଦାନ କରିଛନ୍ତି । ଦ୍ୱିପକ୍ଷୀୟ ବୈଠକ ପରେ କିଭ୍ ଠାରେ ଥିବା ଭାରତୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ଉଦ୍‌ବୋଧନ ଦେଇ ୟୁକ୍ରେନ୍ ରାଷ୍ଟ୍ରପତି ନିଜର ଭାରତ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ଦ୍ୱିପକ୍ଷିୟ କଥାବାର୍ତ୍ତା ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଅଯଥା ସମୟ ନଷ୍ଟ ନ କରି ୟୁକ୍ରେନ୍ ଓ ରୁଷ ନିଜ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ସମାପ୍ତ କରିବା ଦିଗରେ ଆପୋଷ ଆଲୋଚନା କରିବା ନିହାତି ଆବଶ୍ୟକ । ୨୦୨୨ ଫେବୃୟାରୀ ମାସରୁ ଦୁଇ ଦେଶ ମଧ୍ୟରେ ଏହି ଦ୍ୱନ୍ଦ୍ୱ ଆରମ୍ଭ ହେବା ଦିନଠାରୁ ଭାରତ

ଶାନ୍ତି ବଜାୟ ରଖିବା ସପକ୍ଷରେ ନିଜର ସ୍ଥିତି ଜାହିର କରିଆସିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସେ କହିଛନ୍ତି, ଭାରତ ସର୍ବଦା ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସମର୍ଥନ ଦେଇ ଆସୁଛି । ସମ୍ପ୍ରତି ତାଙ୍କର ରୁଷ ଗସ୍ତ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ ପ୍ରତ୍ୟେକ ସମସ୍ୟାର ସମାଧାନ ଯୁଦ୍ଧ କ୍ଷେତ୍ରରେ ନୁହେଁ ବରଂ ଆଲୋଚନା ତଥା କୂଟନୈତିକ ସ୍ତରରେ ସମ୍ଭବ ବୋଲି ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କୁ ଅବଗତ କରାଇଥିବା ସମ୍ପର୍କ କହିଛନ୍ତି ।

ରୁଷ ଓ ୟୁକ୍ରେନ୍ ଯୁଦ୍ଧର ପ୍ରାରମ୍ଭିକ ସମୟରେ ଭାରତୀୟ ନାଗରିକ ଏବଂ ଛାତ୍ରଛାତ୍ରୀଙ୍କୁ ସ୍ଥାନାନ୍ତର କରିବା ପ୍ରକ୍ରିୟାରେ ଶ୍ରୀ ଜେଲେନ୍‌ସ୍କି ସହାୟତା କରିଥିବାରୁ ଶ୍ରୀ ମୋଦୀ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ଭବିଷ୍ୟତରେ ୟୁକ୍ରେନ୍‌କୁ ସମସ୍ତ ପ୍ରକାର ମାନବୀୟ ସହାୟତା ଯୋଗାଇଦେବା ଲାଗି ଭାରତ ପ୍ରସ୍ତୁତ ବୋଲି ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି । ଏହି ଦ୍ୱିପକ୍ଷିୟ ବୈଠକରେ ଉଭୟ ନେତା ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ଦୁଇ ଦେଶ ମଧ୍ୟରେ ଚାରୋଟି ରାଜିନାମା ସ୍ୱାକ୍ଷରିତ ହୋଇଛି । ଏହିସବୁ ରାଜିନାମା ଗୁଡ଼ିକ କୃଷି ଓ ଖାଦ୍ୟ ଉଦ୍ୟୋଗ, ମେଡିକାଲ୍ ଉତ୍ପାଦ ନିୟନ୍ତ୍ରଣ କ୍ଷେତ୍ର, ବିଭିନ୍ନ ପ୍ରକଳ୍ପର

କାର୍ଯ୍ୟକାରିତା ଲାଗି ଭାରତୀୟ ଅନୁଦାନ ସହାୟତା ଏବଂ ଆଗାମୀ ୪ ବର୍ଷ ଲାଗି ସାଂସ୍କୃତିକ ସହଯୋଗ କାର୍ଯ୍ୟକ୍ରମ କ୍ଷେତ୍ରରେ କାର୍ଯ୍ୟକାରି କରାଯିବ ।

ଗ୍ଲୋବାଲ୍ ସାଉଥ୍ ଦେଶ ଗୁଡ଼ିକ ସମେତ ଭାରତ ଦ୍ୱିତୀୟ ୟୁକ୍ରେନ୍ ଶାନ୍ତି ସମ୍ମିଳନୀ ଆୟୋଜନ କରିବାକୁ ରାଷ୍ଟ୍ରପତି ଜେଲେନ୍ସ୍କି ଶ୍ରୀ ମୋଦୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ଗତ ଜୁନ୍ ମାସରେ ସ୍ୱିଜରଲ୍ୟାଣ୍ଡର ଲୁସେନ୍ ଠାରେ ଆୟୋଜିତ ପ୍ରଥମ ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇଥିବା ପ୍ରାୟ ସମସ୍ତ ଆନ୍ତର୍ଜାତିକ ପ୍ରତିନିଧି ୟୁକ୍ରେନ୍‌ରେ ଶାନ୍ତି ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ୟୁକ୍ରେନ୍ ଓ ରୁଷ ଦ୍ୱନ୍ଦ୍ୱ ଦୂର କରିବା ସହିତ ଶାନ୍ତି ଫେରାଇ ଆଣିବା ଦିଗରେ ଏଥିରେ ସମସ୍ତ ପ୍ରତିପକ୍ଷଙ୍କ ସହିତ ଭାରତ ଆଲୋଚନା କରିବ ବୋଲି ଭାରତ ଏହି ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଥିଲା । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ରୁଷ ଗସ୍ତ ଅବସରରେ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହିତ ସାକ୍ଷାତ ଆଲୋଚନାର ପ୍ରାୟ ୬ ସପ୍ତାହ ପରେ ସେ ପ୍ରାୟ ୯ ଘଣ୍ଟା ଲାଗି ୟୁକ୍ରେନ୍ ଗସ୍ତ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁକ୍ରେନ୍ ଗସ୍ତ ଦ୍ୱାରା ରୁଷ ସହ ସେହି ଦେଶର ଚାଲିଥିବା ଦ୍ୱନ୍ଦ୍ୱର ଏକ ଶାନ୍ତିପୂର୍ଣ୍ଣ ସମାଧାନ ହୋଇପାରିବ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ଆଶା ପ୍ରକାଶ କରିଛି । ଆମେରିକାର ଜାତୀୟ ସୁରକ୍ଷା ଯୋଗାଯୋଗ ପରାମର୍ଶଦାତା ଜନ୍ କିର୍ବି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତ ଯୁକ୍ତରାଷ୍ଟ୍ର ଆମେରିକାର ଏକ ସଶକ୍ତ ଭାଗିଦାରୀ ହୋଇ ରହିଆସିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର କିଭ୍ ଗସ୍ତ ଅବସରରେ

ରାଷ୍ଟ୍ରପତି ଶ୍ରୀ ଜେଲେନ୍‌ସ୍କିଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏହି ଦ୍ୱନ୍ଦ୍ୱକୁ ଦୂର କରିବା ଦିଗରେ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ଶାହା-ଛତିଶଗଡ଼

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଛତିଶଗଡ଼ର ରାୟପୁର ଠାରେ ନକ୍ସଲ ବିରୋଧୀ ଅପରେସନ୍ ସମ୍ପର୍କିତ କେତେକ ବୈଠକରେ ଅଧ୍ୟକ୍ଷତା କରିବେ । ଏଥିଲାଗି ଏକ ତିନି ଦିନିଆ ଗସ୍ତରେ ଗତ ରାତିରେ ସେ ରାୟପୁର ଠାରେ ପହଞ୍ଚିଛନ୍ତି । ଆଜି ସକାଳେ ଶ୍ରୀ ଶାହା ରାୟପୁର ଜିଲ୍ଲାର ଚମ୍ପାରନ୍ ସ୍ଥିତ ମହାପ୍ରଭୁ ବଲ୍ଲଭାଚାର୍ଯ୍ୟଙ୍କ ଆଶ୍ରମ ପରିଦର୍ଶନ କରିବେ । ପରେ ଛତିଶଗଡ଼ ଏବଂ ଏହାର ପଡ଼ୋଶୀ ରାଜ୍ୟ ଗୁଡ଼ିକ ମଧ୍ୟରେ ଆନ୍ତଃ ରାଜ୍ୟ ସମନ୍ୱୟକୁ ସଶକ୍ତ କରିବା ଲାଗି ସମ୍ପୃକ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ୍ ମହାନିର୍ଦ୍ଦେଶକଙ୍କ ସହିତ ଏକ ବୈଠକ କରିବେ । ଏହା ପରେ ଶ୍ରୀ ଶାହା ଛତିଶଗଡ଼ର ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ  ଅଞ୍ଚଳ ଗୁଡ଼ିକର ନିରାପତ୍ତା ତଥା ବିକାଶ ଲାଗି ଉଦ୍ଦିଷ୍ଟ ଏକ ବୈଠକରେ ଏକ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି । ଗତବର୍ଷ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ନକସଲ୍ ବିରୋଧୀ ଅପରେସନ୍‌କୁ ଜୋର୍‌ଦାର କରାଯାଇଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୪୨

ନକ୍ସଲବାଦୀ ସୁରକ୍ଷା କର୍ମୀଙ୍କ ଦ୍ୱାରା ନିହତ ହୋଇଥିବା ଜଣାପଡ଼ିଛି । ଆସନ୍ତାକାଲି ଶ୍ରୀ ଶାହା ରାୟପୁରଠାରେ ମାଦକଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ଏକ କାର୍ଯ୍ୟାଳୟର ଉଦ୍‌ଘାଟନ କରିବା ସହିତ ଏ ସମ୍ପର୍କିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିବେ । ପରେ ଶ୍ରୀ ଶାହା ଛତିଶଗଡ଼ ଠାରେ ସମବାୟ କ୍ଷେତ୍ରର ସମ୍ପ୍ରସାରଣ ଲାଗି ଅନ୍ୟ ଏକ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି ।

## ରାଜନାଥ-ଭିଜିଟ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆମେରିକା ଗସ୍ତ ଅବସରରେ ଗତକାଲି ରାତିରେ ୱାଶିଂଟନ୍ ଡି.ସି. ସ୍ଥିତ ପେଣ୍ଟାଗନ୍ ଠାରେ ତାଙ୍କ ପ୍ରତିପକ୍ଷ ଲଏଡ୍ ଅଷ୍ଟିନ୍‌ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଉଭୟ ନେତା ପ୍ରତିରକ୍ଷା ଓ ଶିଳ୍ପ କ୍ଷେତ୍ରରେ ସହଯୋଗିତା ଏବଂ ଆଞ୍ଚଳିକ ନିରାପତ୍ତା ସମେତ ବିଭିନ୍ନ ଆନ୍ତର୍ଜାତିକ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଗତବର୍ଷ କାର୍ଯ୍ୟକାରୀ କରାଯାଇଥିବା ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ଶିଳ୍ପ ସହଯୋଗ ରୋଡ୍ ମ୍ୟାପ୍ ଦ୍ୱାରା ଚିହ୍ନିତ ବିଭିନ୍ନ କ୍ଷେତ୍ରରେ ମିଳିତ ବିକାଶ ଏବଂ ମିଳିତ ଉତ୍ପାଦନ କରିବାର ସୁଯୋଗ ଭାରତରେ ଉପଲବ୍ଧ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ଦୁଇ ଦେଶ ମଧ୍ୟରେ

ପ୍ରତିରକ୍ଷା ଏବଂ ନିରାପତ୍ତା ସମ୍ପର୍କିତ ସାମଗ୍ରୀ ଯୋଗାଣ ଚୁକ୍ତି ସମ୍ପନ୍ନ ହୋଇଥିବାରୁ ଉଭୟ ନେତା ସନ୍ତୋଷ ବ୍ୟକ୍ତ କରିଛନ୍ତି । ଗତ ଗୁରୁବାର ଦିନ ୱାଶିଂଟନ୍ ଡିସି ଠାରେ ଏହି ରାଜିନାମା ସ୍ୱାକ୍ଷରିତ ହେବା ଅବସରରେ ପ୍ରତିରକ୍ଷା ଶିଳ୍ପ ଜୈବ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲାଗି ଉଭୟ ଦେଶ ମିଳିତ ଭାବେ ପ୍ରେଚେଷ୍ଟା କରିବେ ବୋଲି ସମ୍ମତି ପ୍ରଦାନ କରିଛନ୍ତି ।

# ଜେକେ-ଭୋଟସ୍

ଜାମ୍ମୁ କାଶ୍ମୀର ବିଧାନସଭାର ୨୪ଟି ଆସନ ଲାଗି ଆସନ୍ତା ମାସ ୧୮ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟରେ ୫ଲକ୍ଷ ୬୬ ହଜାର ଯୁବ ଭୋଟରଙ୍କ ସମେତ ମୋଟ୍ ୨୩ ଲକ୍ଷ ୨୭ ହଜାର ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ କାଶ୍ମୀର ଡିଭିଜନ୍‌ର ଅନନ୍ତନାଗ, ପୁଲୱାମା, ସୋପିଆନ୍ ଓ କୁଲଗାଓଁ ଜିଲ୍ଲା ସମେତ ଜାମ୍ମୁ ଡିଭିଜନ୍‌ର ଡୋଡା, ରାମ୍‌ବାନ୍ ଏବଂ କିସ୍ତୱାର୍ ଜିଲ୍ଲାରେ ମତଦାନ କରାଯିବ । କାଶ୍ମୀର ଡିଭିଜନ୍‌ରେ ୧୬ଟି ଏବଂ ଜାମ୍ମୁ ଡିଭିଜନ୍‌ରେ ୮ଟି ବିଧାନସଭା କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଏକ ବିଜ୍ଞାପ୍ତିରେ କୁହାଯାଇଛି ।

## ଜେକେ-ସ୍ପେଶାଲ୍ ପୋଲିଂ

ଜାମ୍ମୁ କାଶ୍ମୀର ବିଧାନସଭା ନିର୍ବାଚନରେ ପ୍ରବାସୀ କାଶ୍ମୀରବାସୀ ଯେଭଳି ସୁବିଧାରେ ନିଜର ମତାଧିକାର ସାବ୍ୟସ୍ତ କରିପାରିବେ ସେଥିଲାଗି ଭାରତର ନିର୍ବାଚନ ଆୟୋଗ ଜାମ୍ମୁ, ଉଧମପୁର ଓ ଦିଲ୍ଲୀରେ ୨୪ଟି ସ୍ୱତନ୍ତ୍ର ମତଦାନ କେନ୍ଦ୍ର ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେଥିମଧ୍ୟରୁ ଜାମ୍ମୁରେ ୧୯ଟି, ଉଧମପୁରରେ ଗୋଟିଏ ଓ ଦିଲ୍ଲୀରେ ୪ଟି ମତଦାନ କେନ୍ଦ୍ର ରହିଛି । ଏହିସବୁ ସ୍ଥାନରେ ଥିବା ବିଭିନ୍ନ ରିଲିଫ୍ କ୍ୟାମ୍ପ୍‌ରେ ରହୁଥିବା ପ୍ରବାସୀ କାଶ୍ମୀରବାସୀମାନେ ଏହି କେନ୍ଦ୍ରରେ ମତଦାନ କରିପାରିବେ । ଜାମ୍ମୁ କାଶ୍ମୀର ୯୦ଟି ଆସନ ଲାଗି ତିନୋଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପର୍ଯ୍ୟାୟ ଗୁଡ଼ିକ ହେଲା ଆସନ୍ତା ମାସ ୧୮ ତାରିଖ, ୨୫ ଏବଂ ଅକ୍ଟୋବର ୧ ତାରିଖ ।

## ଡୁରାଣ୍ଡ କପ୍

ବେଙ୍ଗାଲୁରୁ ଏଫ୍.ସି. ଡୁରାଣ୍ଡ କପ୍ ୨୦୨୪ର ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଅନୁଷ୍ଠିତ ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ବେଙ୍ଗାଲୁରୁ'

କେରଳ ବ୍ଲାଷ୍ଟରକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ବେଙ୍ଗାଲୁରୁ ପକ୍ଷରୁ ଜର୍ଜ୍ ପେରେରା ଡିଆଜ୍ ଏହି ଏକ ମାତ୍ର ଗୋଲ୍‌ଟି ସ୍କୋର କରିଥିଲେ ।

ଅନ୍ୟ ପକ୍ଷରେ ଗତବର୍ଷର ଚାମ୍ପିଆନ୍ ମୋହନବାଗାନ୍ ଗତକାଲି ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ୍‌ରେ ପଞ୍ଜାବ୍ ଏଫ୍.ସି.କୁ ସଡନ୍ ଡେଥ୍ ପେନାଲ୍ଟି ମାଧ୍ୟମରେ ୬-୫ରେ ପରାସ୍ତ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଛି ।

ଆସନ୍ତା ସୋମବାର ଦିନ ସିଲଂ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ଏବଂ ସିଲଂ ଲାଜଙ୍ଗ୍ ଏଫ୍.ସି. ମଧ୍ୟରେ ମୁକାବିଲା ହେବ । ସେହିଭଳି ଆସନ୍ତା ମଙ୍ଗଳବାର ଦିନ କୋଲକାତା ଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲ୍‌ରେ ମୋହନବାଗାନ ସୁପରଜ୍ୟାଣ୍ଟ ବେଙ୍ଗାଲୁରୁ ଏଫ୍.ସି.କୁ ଭେଟିବ ।